# ବିପର୍ଯ୍ୟୟ ପରିଚାଳନାରେ ନିଷ୍ପତ୍ତି ସହାୟକ ପଦ୍ଧତି ଉପରେ ଦିନିକିଆ ଜିଲ୍ଲା ସ୍ତରୀୟ ଆଭିମୁଖୀକରଣ ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ।

## One day District level Orientation-cum Training programme on decision support system for disaster management.

ବିପର୍ଯ୍ୟୟ ପୂର୍ବରୁ,ପରେ ଓ ସେହି ସମୟରେ ଲୋକମାନଙ୍କ ଧନ ଜୀବନକୁ ସୁରକ୍ଷା ଦେବା ନିମନ୍ତେ ସଠିକ୍ ସମୟରେ ନିଷ୍ପତ୍ତି ଗ୍ରହଣ କରିବାକୁ ନେଇ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଯୋଗ ଦେଇ ବିପର୍ଯ୍ୟୟ ପୂର୍ବରୁ ପ୍ରସ୍ତୁତ ଓ ସଜାଗ ରହିବା ସହ ସଠିକ୍ ନିଷ୍ପତ୍ତି ଗ୍ରହଣ କରି ଲୋକମାନଙ୍କର ଧନ ଜୀବନ ସୁରକ୍ଷା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବିପର୍ଯ୍ୟୟ ସମୟରେ ମାନବିକତା ପ୍ରଦର୍ଶନ ପୂର୍ବକ ଲୋକମାନଙ୍କ ନିକଟରେ ଛିଡା ହେବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଯୋଗ ଦେଇ ବିପର୍ଯ୍ୟୟର ସଠିକ୍ ମୁକାବିଲା ନିମନ୍ତେ ଆଗୁଆ ପ୍ରସ୍ତୁତ ରହିବା ସହ ନିଜ ବିଭାଗରେ ଉପଲବଧ ସମ୍ବଳ ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ସାଧନ କର୍ମୀ ଭାବେ ରାଜ୍ୟ ରିଲିଫ କମିଶନର କାର୍ଯ୍ୟାଳୟର ଶ୍ରୀ କିଶୋର ସାହୁ ଓ ଶ୍ରୀ ଶୁଭଜିତ୍ ପୃଷ୍ଟି ନିଷ୍ପତ୍ତି ସହାୟକ ପଦ୍ଧତିର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ନିଷ୍ପତ୍ତି ସହାୟକ ପଦ୍ଧତିରେ ସମସ୍ତ ବିଭାଗର ସୂଚନା ସହ ଜିଲ୍ଲାରେ ଉପଲବଧ ସମ୍ବଳକୁ ସଂଗ୍ରହ କରାଯାଇ ଗୋଟିଏ ପଏଣ୍ଟରେ ରଖାଯିବ । ଏହି ସୂଚନା ଆଧାରରେ ସଠିକ୍ ସମୟରେ ଭଲ ନିଷ୍ପତ୍ତି ନିଆଯାଇପାରିଲେ ବିପର୍ଯ୍ୟୟରେ କ୍ଷୟକ୍ଷତିକୁ କମାଇ ଦିଆଯାଇପାରିବ । ଗୋଟିଏ ପଏଣ୍ଟରେ ସଂଗ୍ରହ ହେଉଥିବା ଏହି ସୂଚନା ହେଉଛି ଏକ ସଫଟ୍‌ୱେୟାର ପ୍ଲାଟଫର୍ମ । ସମସ୍ତ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଭାଗୀୟ ସୂଚନାଗୁଡିକୁ ଏଥିରେ ଡାଉନ୍‌ଲୋଡ୍ କଲେ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରେ କିପରି ସଜାଗ ରହିବା ସହ ଉପଯୁକ୍ତ ନିଷ୍ପତ୍ତି ନେଇ ଲୋକମାନଙ୍କର ଧନଜୀବନର ସୁରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଏହି ନିଷ୍ପତ୍ତି ସହାୟକ ପଦ୍ଧତି ସଠିକ୍ ମାର୍ଗ ଦେଖାଇବ । ଏହି ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀକାଳିନ ଅଧିକାରୀ ତଥା ଡେପୁଟୀ କଲେକ୍ଟର ଶ୍ରୀ ବଇଦ୍ରୋ ଦିପ୍ ଓ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର ଡି ପି ଓ ଶ୍ରୀ ପ୍ରଦୋଷ କୁମାର ଶତପଥିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତହସିଲଦାର ଓ ଆସିଷ୍ଟାଣ୍ଟ କଲେକ୍ଟରମାନେ ଯୋଗ ଦେଇଥିଲେ ।


ONE DAY DISTRICT LEVEL ORIENTATION-CUM-TRAINING PROGRAMME
ON DECISION SUPPORT SYSTEM
(DSS) FOR DISASTER MANAGEMENT
ANGUL
Date-
Venue- Zila
Hall
Organized By- District
Authority(DDMA)
TOILET

